# All Odisha Union Bank Employees Association

(*Affiliated to* :- A.I.U.B.E.F. & B.E.F.I. through A.O.B.E.F. ), (*Date of Formation* :- 07.08.1977)
*Regd. No.* :- 1342/23.02.1981 of Indian Trade Union Act, 1926
*Regd. Office* :- C/o Union Bank of India, 38, Ashok Nagar, Near Raj Mahal Square, Bhubaneswar-751009
*Head Qrs* :- C/o Union Bank of India, Nayapalli Branch, Near Hotel Crown, Nayapalli, Bhubaneswar-751015
*e-mail* :- aoubea@gmail.com *MOBILE* :- President- 94372 72600, General Secretary- 94396 17325
Website : www.aoubea.org


=====================================================================

ପରିପତ୍ର ସଂଖ୍ୟା – ୧୮ ଭୁବନେଶ୍ୱର

ତାରିଖ ୧୫-୧୦-୨୦୧୯

## କର୍ତ୍ତୃପକ୍ଷଙ୍କ ଉଦାସୀନ ମନୋଭାବ ଯୋଗୁଁ ନିଯୁକ୍ତି ବିଳମ୍ବ

ସମଗ୍ର ଦେଶରେ ୧୧୬୫ ହାଉସକିପର/ପିଅନ ପଦବୀ ପୂରଣ ପାଇଁ ୨୦୧୪ ମସିହାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଛାମୁ ଯାହାଦେଲେ ହରସେ- ନୀତି ରେ ଓଡ଼ିଶା ପାଇଁ ଭୁବନେଶ୍ୱର କ୍ଷେତ୍ର ପାଇଁ ୧୧ ଓ ସମ୍ବଲପୁର କ୍ଷେତ୍ର ପାଇଁ ୫ , ସମୁଦାୟ ୧୬ ଟି ଶାଖାରେ ନିଯୁକ୍ତି ପାଇଁ ଖବରକାଗଜ ମାଧ୍ୟମରେ ଆହ୍ୱାନ କରାଯାଇଥିଲା । ତଦନୁସାରେ ଆମ ରାଜ୍ୟରେ ସାକ୍ଷାତକାର ଜରିଆରେ ନିଯୁକ୍ତି ପ୍ରକ୍ରିୟା କରାଯାଇଥିଲା । କିନ୍ତୁ ବାରାଣସୀ ଜୋନାଲ ଅଫିସରେ ଘଟିଯାଇଥିବା କଳଙ୍କିତ ଅଧ୍ୟାୟ ପାଇଁ ଦୀର୍ଘ ଦୁଇ ବର୍ଷ ପରେ ତାହା ପ୍ରକାଶ କରାଗଲା । ଆମ ରାଜ୍ୟରେ ୧୬ ଜଣ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କର ତାଲିକା ମଧ୍ୟ ପ୍ରସ୍ତୁତ ହୋଇ ସାରିଥିଲା । କିନ୍ତୁ ଭୁବନେଶ୍ୱର କ୍ଷେତ୍ର ଅଧିନରେ ଥିବା ଓଡ଼ଗାଁ ଶାଖାରେ ତତ୍କାଳୀନ କାର୍ଯ୍ୟରତ ଆସ୍ଥାୟୀ କର୍ମଚାରୀ ଉକ୍ତ ସାକ୍ଷାତକାର ନିଯୁକ୍ତିରେ ଅନିୟମିତତା ଦର୍ଶାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେଣୁ ଓଡ଼ିଶାରେ ୧୬ ଜଣଙ୍କ ସ୍ଥାନରେ ୧୪ଜଣଙ୍କୁ ନିଯୁକ୍ତି ଦେଇ ଶ୍ରୀ ବାବୁଲା ବଡ଼େଇ ଓ ଶ୍ରୀ ସତ୍ୟନାରାୟଣ ବେହେରାଙ୍କ ନିଯୁକ୍ତିକୁ ସ୍ଥଗିତ ରଖିଥିଲେ । ୨୦୧୬ ମସିହାରୁ ୨୦୧୯ ମସିହା ଦୀର୍ଘ ତିନି ବର୍ଷ କାଳ ଏହି ଦୁଇଜଣଙ୍କ ନିଯୁକ୍ତି ଏକ ଅନିଶ୍ଚିତତା ଭିତରକୁ ଚାଲିଗଲା । ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ କାଳକ୍ଷେପଣ ନୀତି ଯୋଗୁଁ ଅଭିଯୋଗକାରୀ ଗୋଟିଏ ପରେ ଗୋଟିଏ ବେଞ୍ଚରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଚାଲିଲେ ଯେଉଁଥିପାଇଁକି ଦୁଇଜଣଙ୍କ ନିଯୁକ୍ତି ପାଇଁ ବିଳମ୍ବର କାରଣ ଅଟେ । ଏଥିପାଇଁ ଆମେ ସଂଗଠନ ତରଫରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛୁ । ବହୁ ବିଳମ୍ବରେ ହେଲେ ମଧ୍ୟ ଉକ୍ତ ଦୁଇଜଣ ସାଥୀଙ୍କୁ ନ୍ୟାୟ ମିଳିଲା । ଭୁବନେଶ୍ୱର ରିଜିଓନାଲ ଅଫିସ କର୍ତ୍ତୃପକ୍ଷ ଗତ ୨୭/୦୯/୨୦୧୯ ତାରିଖରେ ସେମାନଙ୍କୁ ଡାକି ସାଥି ବାବୁଲା ବଡ଼େଇଙ୍କୁ ଜଳେଶ୍ୱର ଶାଖା ଓ ସାଥି ସତ୍ୟନାରାୟଣ ବେହେରାଙ୍କୁ ରେମୁଣା ଶାଖାରେ ନିଯୁକ୍ତି ପତ୍ର ପ୍ରଦାନ କଲେ ଏବଂ ଦୁଇଜଣ ସାଥି ଗତ ୦୧/୧୦/୨୦୧୯ ରିଖରେ ଉକ୍ତ ଶାଖା ମାନଙ୍କରେ ଯୋଗ ଦେଇଛନ୍ତି । ଆମ ସଂଗଠନ ତରଫରୁ ସାଥି ମାନଙ୍କୁ ସ୍ୱାଗତ କରୁଛୁ ।

## ୨୨ ଅକ୍ଟୋବର ସର୍ବଭାରତୀୟ ଧର୍ମଘଟ

ବର୍ତ୍ତମାନର କେନ୍ଦ୍ର ଅର୍ଥମନ୍ତ୍ରୀ ଅଗଷ୍ଟ ୩୦ ତାରିଖରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକୁ ମିଶ୍ରଣ ପାଇଁ ଘୋଷଣା କଲେ । ଭାରତ ର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଗଠନ ମାନେ **UFBU** ଦ୍ୱାରା ଏହି ମିଶ୍ରଣକୁ ବିରୋଧ କଲେ । ଆମର ସର୍ବଭାରତୀୟ ସଂଗଠନ **BEFI** ର ନେତୃତ୍ୱ ଏହି ଆନ୍ଦୋଳନର ପୁର ଭାଗରେ ରହି ସଂଗ୍ରାମକୁ ତ୍ୱରାନ୍ୱିତ କରୁଛନ୍ତି । **UFBU** ର ସମସ୍ତ ସଂଗଠନ ମାନେ କେନ୍ଦ୍ର ସରକାରଙ୍କ ଏହି ନୀତିହୀନ ମିଶ୍ରଣ ନିଷ୍ପତ୍ତି କୁ ବିରୋଧ କରୁଛନ୍ତି । କିନ୍ତୁ କିଛି ସଂଗଠନ ମାନେ ଏହି ବିରୋଧ ପ୍ରକ୍ରିୟାରେ ଅନ୍ୟ ପ୍ରସଙ୍ଗକୁ ସ୍ଥାନ ଦେବାକୁ ଚାହୁଁଥିଲା ବେଳେ **BEFI** ଓ **AIBEA** କେବଳ ମିଶ୍ରଣ ବିରୋଧୀ ଆନ୍ଦୋଳନ କୁ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ପ୍ରଯ୍ୟାୟକ୍ରମେ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସହିତ ଆସନ୍ତା ଅକ୍ଟୋବର ୨୨ ତାରିଖରେ ସର୍ବଭାରତୀୟ ଧର୍ମଘଟର ଡାକରା ଦେଇଛନ୍ତି । ବର୍ତ୍ତମାନ ଅତ୍ୟନ୍ତ ସ୍ୱଷ୍ଟ ଭାବେ କେନ୍ଦ୍ର ସରକାରଙ୍କ ମନୋଭାବର ପରିପ୍ରକାଶ ଘଟିଛି । ଅତୀତରେ ଯେତେବେଳେ ସରକାର କହୁଥିଲେ ଯେ ଦୁର୍ବଳ ବ୍ୟାଙ୍କ ଗୁଡିକୁ ସବଳ ବ୍ୟାଙ୍କ ସଙ୍ଗରେ ମିଶ୍ରଣ ହେଲେ ବ୍ୟାଙ୍କ ମାନଙ୍କର ସ୍ଥିତି ବଦଳିଯିବ । କିନ୍ତୁ ବର୍ତ୍ତମାନ ସେମାନେ ଅଗାମୀ ଦିନରେ ବ୍ୟାଙ୍କ ଗୁଡିକୁ ଘରୋଇକରଣ କରିବା ଲକ୍ଷ୍ୟରେ ମିଶ୍ରଣ କାର୍ଯ୍ୟକ୍ରମକୁ ଘୋଷଣା କରିଛନ୍ତି । ଏହା ଫଳରେ ଜାତୀୟକରଣ ବ୍ୟାଙ୍କ ଗୁଡ଼ିକର ସ୍ଥିତି ବିପନ୍ନ ହେବ । ଜାତୀୟକରଣ ବ୍ୟାଙ୍କ ଗୁଡିକର ସ୍ଥିତି ବଜାୟ ରଖିବା ଓ କର୍ମଚାରୀ ମାନଙ୍କ ଚାକିରୀ ସୁରକ୍ଷା ପାଇଁ ମିଳିତ ଆନ୍ଦୋଳନର ଆବଶ୍ୟକତା ଅଛି । ଏପରିସ୍ଥଳେ ଅନ୍ୟ ପ୍ରସଙ୍ଗକୁ ପଛରେ ପକାଇ ଆନ୍ଦୋଳନକୁ ଜୋରଦାର କରିବା । ତେଣୁ **BEFI** ର ଜଣେ ଲଢୁଆ ସୈନିକ ଭାବେ ଆମେ ନିମ୍ନଲିଖିତ କାର୍ଯ୍ୟକ୍ରମ କୁ ପାଳନ କରିବା ସହିତ ୨୨ ଅକ୍ଟୋବର ବ୍ୟାଙ୍କ ଧର୍ମଘଟକୁ ସମ୍ପୂର୍ଣ୍ଣରୂପେ ସଫଳ କରିବା ।

କାର୍ଯ୍ୟକ୍ରମ :-

୧୨-୦୯-୨୦୧୯ - ଧର୍ମଘଟର ନୋଟିସ୍ ଜାରି
୨୧-୦୯-୨୦୧୯ - ବିଭିନ୍ନ କେନ୍ଦ୍ରରେ ମିଟିଂ
୦୪-୧୦-୨୦୧୯ - ବିଭିନ୍ନ କେନ୍ଦ୍ରରେ ବିକ୍ଷୋଭ
୨୧-୧୦-୨୦୧୯ - କଳା ବ୍ୟାଜ ପରିଧାନ,ବିକ୍ଷୋଭ,
୨୨-୧୦-୨୦୧୯ - ସର୍ବଭାରତୀୟ ଧର୍ମଘଟ

ସାମାନ୍ୟ ଗୋଟିଏ ଦିନର ଦରମା କାଟ ଆମର ଦୃଢ଼ ସଂକଳ୍ପ ଆଗରେ ପ୍ରତିବନ୍ଧ ହୋଇ ପାରିବ ନାହିଁ। ପୂର୍ବରୁ ଅନେକ ଥର ଆମର ଐକବଦ୍ଧ ଲଢେଇ ଆଗରେ କର୍ତ୍ତୃପକ୍ଷ ବାଧ୍ୟ ହୋଇଛନ୍ତି ଆମର ଦାବି ଗୁଡ଼ିକ ଉପରେ ଆଲୋଚନା କରବାପାଇଁ। "କଣ ହେବ" କହି ଆମେ ଯଦି ଚୁପ ହୋଇ ବସିବା ତା ପରେ ଯଦି କୌଣସି ସମସ୍ୟା ଆସେ ତାହେଲେ ଆମେ ତାର ପ୍ରତିବାଦ କରିପାରିବା ନାହିଁ । ଫଳ ପାଇବା ଆଶାରେ ଆମେ ଯଦି ସବୁ କ୍ଷେତ୍ରରେ ପଛଘୁଞ୍ଚା ଦେବା ତା ହେଲେ **BEFI** ଭଳି ଏକ ଲଢୁଆ ସଂଗଠନର ସଦସ୍ୟ ଭାବେ ଆମେ ନିଜକୁ କେବେ କ୍ଷମା କରିପାରିବା ନାହିଁ। ତେଣୁ ସାଥିଗଣ ମନରେ କୌଣସି ଦ୍ୱିଧା ନରଖି ଏହି ଧର୍ମଘଟ ର ଉଦେଶ୍ୟ ଜନସାଧାରଣ ଙ୍କୁ ଅବଗତ କରି ଏହି ଧର୍ମଘଟକୁ ସଫଳ କରିବା ହେବେ।

## ୨୨ ଅକ୍ଟୋବର ଧର୍ମଘଟ କୁ ସଫଳ କର ।

**BEFI** ଜିନ୍ଦାବାଦ୍ AIUBEF - ଜିନ୍ଦାବାଦ୍

AOBEF ଜିନ୍ଦାବାଦ୍ AOUBEA- ଜିନ୍ଦାବାଦ୍

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ